## ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ
## ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ

***ସାପ୍ତାହିକ କ୍ରମିକ ସଙ୍ଖ୍ୟା : ୪୮, ବୁଲେଟିନ ନମ୍ବର- ୯୬, ତାରିଖ : ୦୧।୧୨।୨୦୨୩ , ଶୁକ୍ର ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୦୨.୧୨.୨୦୨୩ –୦୬.୧୨.୨୦୨୩ ,ଶନି ବାର - ବୁଧ ବାର ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ଅତି ହାଲୁକା ଧରଣର ବର୍ଷା ହେବାର ସମ୍ଭାବନା ରହିଅଛି ।ସର୍ବାଧିକ ତାପମାତ୍ରା (୨୮-୩୨ $^{0}$C)ମଧ୍ୟରେ ରହିବାର ସମ୍ଭାବନା ରହିଛି ଓ ସର୍ବନିମ୍ନ ତାପମାତ୍ରା (୧୬ -୨୦ $^{0}$C ) ମଧ୍ୟରେ ରହିବାର ସମ୍ଭାବନା ରହିଛି ।ଆଗାମୀ ସପ୍ତାହର ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା(୭୬–୮୯%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୩୬–୭୯ %) ମଧ୍ୟରେ ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆଦ୍ରର୍ତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ସୁନ୍ଦରଗଡ | ୦୨-୧୨-୨୦୨୩ | ୦ | ୩୨ | ୧୬ | ୩ | ୭୬ | ୩୬ | ୮ | ୬୮ |
| | ୦୩-୧୨-୨୦୨୩ | ୦ | ୩୧ | ୧୬ | ୩ | ୭୮ | ୪୦ | ୮ | ୭୧ |
| | ୦୪-୧୨-୨୦୨୩ | ୦ | ୩୧ | ୧୭ | ୪ | ୭୯ | ୪୨ | ୮ | ୯୦ |
| | ୦୫-୧୨-୨୦୨୩ | ୨ | ୨୯ | ୧୯ | ୫ | ୮୩ | ୪୫ | ୮ | ୧୦୩ |
| | ୦୬-୧୨-୨୦୨୩ | ୫ | ୨୮ | ୨୦ | ୬ | ୮୯ | ୭୯ | ୯ | ୬୮ |

### କୃଷି ପାଣିପାଗ ଉପଦେଶ

**ସାଧାରଣ ପରାମର୍ଶ :** ବିପିଏଚ୍, ଡବ୍ଲୁବିପିଏଚ୍, ଲିଫ ଫୋଲ୍ଡର୍ ଏବଂ ବାଇଏସବି ଏବଂ ବିଏଲବି ଏବଂ ବ୍ଲାଷ୍ଟର ସଂକ୍ରମଣ ସ୍ତରକୁ ନିରୀକ୍ଷଣ କରିବା ପାଇଁ କ୍ଷେତ୍ରକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।

**ଗହମ :**ତାପମାତ୍ରା ୨୦ ଡିଗ୍ରୀ ସେଲସିୟସ ତଳକୁ କମିଲେ ଗହମ ବୁଣା ଆରମ୍ଭ କରାଯାଏ । ଆମ ରାଜ୍ୟ ର ଆଭ୍ୟନ୍ତରୀଣ ଜିଲ୍ଲା ମାନଙ୍କରେ ବିଳମ୍ବରେ ଗହମ ବୁଣାଯାଇ ପାରିବ ।

ଏକର ପ୍ରତି ୪୦-୫୦ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ । ପ୍ରତି କି.ଗ୍ରା. ବିହନରେ ୦୩ ଗ୍ରାମ ଥିରାମ କିମ୍ବା ୦୨ ଗ୍ରାମ କାର୍ବେଣ୍ଡାଜିମ ଗୋଳାଇ ବିଶୋଧନ କରନ୍ତୁ ।

ଭଲ ଓ ଉନ୍ନତ ଧରଣର ଶସ୍ୟ ପାଇଁ  ଭଲଭାବରେ ମାଟି ଗୁଣ୍ଡ କରି ଏକର ପ୍ରତି ୨୦ କ୍ୱିଣ୍ଟାଲ ଶଢା ଗୋବର ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ ।

ଏକର ପ୍ରତି ୨୪-୩୨ କି.ଗ୍ରା. ଯବକ୍ଷାରଜାନ,୧୬-୨୦ କି.ଗ୍ରା. ଫସଫରସ ଓ ୧୨-୧୬ କି.ଗ୍ରା. ପଟାସ ସାର ଆବଶ୍ୟକ ହୋଇଥାଏ ।

ଗହମ କିସମ ଗୁଡିକ ହେଲା :- (କ)ସୋନାଲିକା (୧୧୦ ଦିନ ) (ଖ)କଲ୍ୟାଣ ଶୋନା (୧୨୦ ଦିନ ) ଏବୌଂ (ଗ)ସାଗରିକା ଏବୌଂ ଉତ୍କଳିକା (୯୫-୧୦୫ ଦିନ )

**ଚିନାବାଦାମ:** ଧରଣୀ, କାଦରୀ-9, ଟିଏଜି-24, କଳିଙ୍ଗ ଚିନାବାଦାମ ଭଳି ଭଲ କିସମ ସଙ୍ଗ୍ରହ କରନ୍ତୁ। ବିହନ ହାର ହେଉଛି 50 କିଲୋ ବିହନ/ଏସି। ବିହନ ବୁଣିବା ପୂର୍ବରୁ ରାଇଜୋବିୟମ  30 ଗ୍ରାମ/କି.ଗ୍ରା. ବିହନରେ ଫଙ୍ଗିନାଶକ ଚିକିତ୍ସା କରିବା ପରେ ବିହନର ଚିକିତ୍ସା କରନ୍ତୁ। ବ୍ୟବଧାନ ହେଉଛି 30 ଓ 10 ସେ.ମି.। ଅନ୍ତିମ ଜମି ପ୍ରସ୍ତୁତି ପରେ 2 ଟି ଏଫ୍.ଵାଇ.ଏମ୍, 100 କେ.ଜି ଜିପ୍ସମ୍, 4 କେ.ଜି ୟୁରିଆ, 35 କେ.ଜି ଡି.ଏପି ଏବଂ 26 କେ.ଜି ପୋଟାସକୁ ବେସାଲ୍ ଡୋଜ୍ ଭାବରେ ପ୍ରୟୋଗ କରନ୍ତୁ।

**ଫଳବଗିଚା -** ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ ,ରାସାୟନିକ ସାର ସହିତ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।  ପୁରୁଣା ଗଛକୁ କାଣ୍ଟ୍ ଛାଣ୍ଟ କରନ୍ତୁ ଉଈ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ।

**ଗୋଲାପ :-** ଗୋଲାପ ଗଛକୁ କାଣ୍ଟଛାଣ୍ଟ କରି ଅଳ୍ପ କେତେକ ସୁସ୍ଥସବଳ ଡାଳ ରଖିଲେ ତାହା ବଡ ତଥା ଉଚ୍ଚମାନର ଫୁଲ ପ୍ରଦାନ କରିଥାଏ। କାଣ୍ଟଛାଣ୍ଟ କରିବାର ୦୭ ରୁ ୧୦ ଦିନ ପରେ ବୁଦା ପ୍ରତି ୧୦୦ ଗ୍ରାମ ହିସାବରେ ହାଡ ଗୁଣ୍ଡ ଆମୋଫସ (୦୨ କି.ଗ୍ରା.) ଏସ.ଏସ.ପି. (୦୨ କି.ଗ୍ରା. ) ପଟାସିୟମ ସଲ୍ଫେଟ (୦୧ କି.ଗ୍ରା.) ମିଶ୍ରଣ ପ୍ରୟୋଗ କରନ୍ତୁ ଯାହା ଫଳରେକି ଉନ୍ନତ ଧରଣର ଫୁଲ ଫୁଟିପାରିବ ।

**ଆଳୁ :**

ଆଳୁ ଫସଲ ୨-୩ ସପ୍ତାହ ର ହୋଇଯାଇଥିଲେ ପ୍ରଥମ କୋଡାଖୁସା କରି ହୁଡା ଟେକିଦିଅନ୍ତୁ ।

ଏହି ସମୟରେ ୫୦ କିଗ୍ରା ଯବକ୍ଷାରଜାନ ୬୦ କିଗ୍ରା ପଟାସ ଆଳୁ ଗଛରେ ଧାଡିରେ ଦୁଇପାଖରେ ୭-୧୦ ସେମି ଦୂରତାରେ ୨-୩ ସେମି ଗଭୀରରେ ପ୍ରୟୋଗ କରନ୍ତୁ ।

ଆଳୁ ଫସଲରେ ସଅଳ ପତ୍ରପୋଡା  ରୋଗରୁ ରକ୍ଷା ପାଇବାପାଇଁ ହେକ୍ଟର ପ୍ରତି ୧.୫ କିଗ୍ରା ମାଙ୍କଜେବ କୁ ୫୦୦ ଲିଟର ପାଣିରେ ମିଶାଇ ଆଳୁ ଗଛରେ ଭଲଭାବରେ ସିଞ୍ଚନ କରନ୍ତୁ କିମ୍ବା ତଳି ରୋଇବାର ୩ ଦିନ ପରେ ହେକ୍ଟର ପ୍ରତି ୩.୫ ଲିଟର ଷ୍ଟମ୍ପ ବା ୧୫୦୦ ମିଲି ଟ୍ରିବୁଲିନ ୫୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ପିଆଜ-**

ପିଆଜ ତଳି ପ୍ରସ୍ତୁତ କରିବାସମୟରେ ଏକ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ ତଳିପଟାଳି ଜମିଠାରୁ ୬ ଇଞ୍ଚଉଚ୍ଚ୧ ମିଟର ଓସାର ଏବୌଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ ।

୨୦କିଗ୍ରା ଭଲ ଶଢା ଶୁଖିଲା ଗୋବର ଖତ ସହ ୧ କିଗ୍ରା ଟ୍ରାଇକୋଡର୍ମା ଭିରିଡେ ଜୀବଣୁସାର ଭଲଭାବରେ ମିଶାଇ ଏହାକୁ ୨-୩ ଦିନ ଛାଇରେ ପଲିଥିନ ଘୋଡାଇ ରଖି ତଳିପଟାଳିରେ ପ୍ରୟୋଗ କରି ବିଶୋଧିତ ବିହନ ଧାଡିରେ ବୁଣନ୍ତୁ ।

ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ ତଳି ୮-୧୦ ସପ୍ତାହର ହୋଇଯାଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କିଗ୍ରା ବିହନ ଆବଶ୍ୟକ ଅଟେ ପିଆଜର ଅଧିକ ଅମଳକ୍ଷମ ବିହନ ଗୁଡିକ ହେଲା ଏଗ୍ରି ଫାଉଣ୍ଡ ଲାଇଟ ରେଡ,ଏନ -୫୩,ଭୀମା ସୁପର ଓ ଭୀମା ଶକ୍ତି ।

**କୁକୁଡ଼ା ପାଳନ :**

ଅଧିକ ଅଣ୍ଡା ଓ ମାଂସ ପାଇଁ ଗାଁ ଗହଳିର ବାଡିବାଗିଚାରେ ବନରାଜା ,ଗ୍ରାମପ୍ରିୟ ଓ ପଲ୍ଲୀରଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ ।

**ମାଛ ଚାଷ :**

ମାଛ ମାନଙ୍କ ପାଇଁ ଖାଦ୍ଯ ଦେବା ନିତ୍ୟାନ୍ତ ମୁଖ୍ୟ କାର୍ଯ୍ୟ ଅଟେ ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କିଗ୍ରା ୭୫୦ ଗ୍ରାମ  କାଣ୍ଡିଆକୁଣ୍ଡା ସହ ୩ କିଗ୍ରା ୭୫୦ ଗ୍ରାମ ବାଦାମ ପିଡିଆ ମିଶାଇ ଖାଇବାକୁ ଦିଅନ୍ତୁ ପୋଖରୀରେ ଜୈବିକ ସାରର ପ୍ରୟୋଗ ର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କିଗ୍ରା ଚୂନ ପ୍ରୟୋଗ କରନ୍ତୁ ପୋଖରୀର ନିମ୍ନ ସ୍ତରରେ ଥିବା ମିରିକାଳୀ ଓ ବିଲାତି ରୋହି ଉପରସ୍ତରକୁ ଉଠିଲେ ,ପୋଖରୀ ତଳ ମାଟିରୁ ଦୁର୍ଗନ୍ଧ ବାହାରୁଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୫୦ କିଗ୍ରା ଜିଓଲାଇଟ ବ୍ୟବହାର କରନ୍ତୁ

**ବାଇଗଣ :**

ବାଇଗଣ ରେ କାଣ୍ଡ ଓ ଫଳବିନ୍ଧା ପୋକର ଦମନ ପାଇଁ ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡନ୍ତୁ କିମ୍ବା ୩୦୦ ପି ପି ଏମ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ କିମ୍ବା ପ୍ରତି ଲିଟର ପାଣିରେ ୫ ଗ୍ରାମ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ ।

**ଲଙ୍କାମରିଚ :**

ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଦେଲେ ଏହାର ଦମନ ପାଇଁ  ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ ୧.୯% କିମ୍ବା ୧.୫ ରୁ ୨ ମିଲି ଇଥିୟନ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

**ପ୍ରାଣୀ :**

ଶୀତଦିନରେ ଗାଈମାନଙ୍କ ଠାରେ ଭୂତାଣୁ ଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ ।

ସେଥିପାଇଁ ଉକ୍ତ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକ ଙ୍କ ସହିତ ପରାମର୍ଶ କରି ଟୀକା ଦିଆନ୍ତୁ ।

ଗାଈ ଛେଳି ମେଣ୍ଢା କୁକୁଡ଼ା ଥିବା ଘରର ଜାଲି କିମ୍ବା ଝରକାରେ ବସ୍ତା ଝୁଲାଇଲେ ରାତିରେ ସେମାନଙ୍କୁ ଅଧିକ ଶୀତ ହେବନାହିଁ ଓ ସେମାନେ ନିମୋନିଆ ଆଦି ରୋଗରୁ ରକ୍ଷା ପାଇପାରିବେ ।

ଛେଳି ଥିବା ଘରେ ତଳେ ଭାଡି ବା ବାଉଁଶ ଚାଞ୍ଚଡାର ବନ୍ଦୋବସ୍ତ କଲେ ଛେଳିମାନଙ୍କୁ ଥଣ୍ଡା ଓ ନିମୋନିଆରୁ ରକ୍ଷା ମିଳିପାରିବ  ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ଡିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍‌ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google.com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି ଶାଖା ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଛି |**

*ନୋଡାଲ ଅଫିସର, କିରେଇ*